## ସଂକ୍ଷେପରେ

### ଗାଁରେ ପଶି ଘର ଭାଙ୍ଗିଲା ହାତୀ



ଛେଣ୍ଡିପଦା,୫।୬(ଡି.ଏନ.ଏ.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତର ଚରାକାନି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ହାତୀ ପଶି ଘର ଭାଙ୍ଗିବାରୁ ଲୋକେ ଭୟଭୀତ ହୋଇ ଘର ଛାଡି ବାହାରକୁ ପଳାଇ ଯାଇଥିଲେ। ଘଟଣାରୁ ପ୍ରକାଶ, ରବିବାର ବିଳମ୍ବିତ ରାତିରେ ଚରାକାନି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ୨୫ରୁ ଅଧିକ ହାତୀ ପହଞ୍ଚିଥିଲେ। ସେଥିରୁ ଗୋଟିଏ ଗୋଠଛଡା ହାତୀ ଚରାକାନି ଗ୍ରାମ ଭିତରକୁ ପଶିଆସିଥିଲା। ଗ୍ରାମ ଭିତରେ ହାତୀଟି ବୁଲାବୁଲି କରିବା ସହିତ ଗ୍ରାମର ପ୍ରମୋଦ ପ୍ରଧାନଙ୍କ ଅର୍ଦ୍ଧ ନିର୍ମିତ ଘରର କାନ୍ଥକୁ ଭାଙ୍ଗି ଦେଇଥିଲା। କାନ୍ଥ ପଡିବା ଶବ୍ଦ ଶୁଣି ଘର ଲୋକ ବାହାରକୁ ପଳାଇ ଆସି ହାତୀ ଦେଖି ଭୟଭୀତ ହୋଇଯାଇଥିଲେ। ଏହାପରେ ହାତୀ ପାଖରେ ଥିବା ଏକ ଚାଳଘରକୁ ଭାଙ୍ଗି ଦେଇଥିଲା। ଏହାଦେଖି ଭୟଭୀତ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ହାତୀକୁ ଘଉଡାଇଥିଲେ।

# ଚଳାଇ ନେଉଛି ଚୁଆ

- କାମରେ ଆସୁନି ପାନୀୟ ପ୍ରକଳ୍ପ
- ନଳକୂଅରୁ ବାହାରୁଛି ଗୋଳିଆ ପାଣି
- ହନ୍ତସନ୍ତ ହେଉଛନ୍ତି ଶତାଧିକ ପରିବାର

**ଗାଁରେ ପହଞ୍ଚିଛି ବସୁଧା ଯୋଜନା। ପାନୀୟ ପ୍ରକଳ୍ପରୁ ଯୋଗାଣ ହେଉଛି ପାଇପ୍ ପାଣି। ହେଲେ ଏହା ପହଞ୍ଚିପାରୁନି ଗାଁ ଶେଷମୁଣ୍ଡରେ। ଜଳସ୍ତର ହ୍ରାସ କାରଣରୁ ଏକମାତ୍ର ନଳକୂଅ ଅଚଳ ପ୍ରାୟ। ଏ ନେଇ ବାରମ୍ବାର ଅଭିଯୋଗ, ଆନ୍ଦୋଳନ କରିଛନ୍ତି ଶତାଧିକ ପରିବାର। ତଥାପି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ନଦୀରେ ଚୁଆ ଖୋଳି କାମ ଚଳାଇନେବାର ପ୍ରୟାସ କରୁଛନ୍ତି ପାଟକୁମୁଣ୍ଡା ଗ୍ରାମ ହରିଜନ ସାହିବାସୀ।**

ଛେଣ୍ଡିପଦା,୫।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ଗ୍ରାମ ହରିଜନ ସାହିରେ ରହୁଥିବା ୧୦୦ରୁ ଅଧିକ ପରିବାର ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଗାଁରେ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ୍ୟ ସାହିବାସୀ ଏହାଦ୍ୱାରା ଉପକୃତ ହୋଇପାରୁ ନାହାନ୍ତି। ପାଣିର ଠିକ୍ ପରିଚାଳନା କରାଯାଉ ନ ଥିବା ଏହାର କାରଣ ବୋଲି ସାହିବାସୀ ଅଭିଯୋଗ କରିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ସାହିକୁ ପାଇପ୍ ପାଣି ଯୋଗାଇ ଦେବାକୁ ପାଇପ୍ ବିଛାଯାଇଛି। ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ ହୋଇଛି। ହେଲେ ଗାଁର ବହୁ ଲୋକ ପାଇପ୍‌ରେ ଆସୁଥିବା ବିଶୁଦ୍ଧ ଜଳର ଅପବ୍ୟବହାର କରୁଛନ୍ତି। ଷ୍ଟାଣ୍ଡପୋଷ୍ଟରୁ ପାଇପ୍ ଲଗାଇ ପିଇବା ପାଣି ନେଇ ବଗିଚାରେ ପକାଉଛନ୍ତି। ତେଣୁ ତଳମୁଣ୍ଡରେ ପାଣି ପହଞ୍ଚିପାରୁ ନ ଥିବାରୁ ଅନେକ ପରିବାର ଏଥିରୁ ବଞ୍ଚିତ ରହୁଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ସାହିରେ ଏକ ନଳକୂଅ ଖୋଳାଯାଇଛି। ଖୋଲା କୂଅ ବ୍ୟବସ୍ଥା ହୋଇଛି। କିନ୍ତୁ ଗ୍ରୀଷ୍ମ ଋତୁରେ ନଳକୂଅର ଜଳସ୍ତର ତଳକୁ ଖସିଯାଉଥିବାରୁ ଗୋଳିଆ ପାଣି ବାହାରୁଛି। ତେଣୁ ତାହା ବ୍ୟବହାରରେ ଲାଗିପାରୁ ନାହିଁ। ସେହିପରି ଖୋଲାକୂଅ ପାଣି ଦୂଷିତ ହୋଇଥିବାରୁ ସାହିବାସୀ ପିଇପାରୁ ନାହାନ୍ତି। ଏପରି କି ସେଥିରେ ରୋଷେଇ ମଧ୍ୟ ହୋଇପାରୁ ନାହିଁ। ତେଣୁ ପାଣି ପାଇଁ ସାହିଠାରୁ ଅଧ କିଲୋମିଟର ଦୂରରେ ଥିବା ଆଁଉଳୀ ନଦୀ ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି। ପ୍ରବଳ ଖରା ସତ୍ତ୍ୱେ ସାହିର ମହିଳାମାନେ ନଦୀ ଭିତରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ସାହିରେ ଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଛି। ମହିଳା ଓ ପୁରୁଷମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଖୋଳାଯାଇଥିବା ନଳକୂଅ ଲୋକଙ୍କ ଶୋଷ ମେଣ୍ଟାଇପାରୁ ନ ଥିଲେ ବି ଆଉ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ପାଟକୁଣ୍ଡା ପଞ୍ଚାୟତର ତେବୁଡ ଗ୍ରାମରେ ମଧ୍ୟ ସମାନ ଅବସ୍ଥା। ଏଠାକାର ୨୦୦ ପରିବାର ଖରାଦିନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନଳକୂପ ଖୋଳାଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରି ନାହିଁ। ଜଳ ସଙ୍କଟ ଏଡ଼ାଇବାକୁ ପ୍ରଶାସନ ପକ୍ଷରୁ ଦ୍ରୁତ ପଦକ୍ଷେପ ନିଆ ନ ଗଲେ ପୁଣି ଥରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।



ପାଟକୁମୁଣ୍ଡା ହରିଜନ ସାହିର ମହିଳାମାନେ ନଦୀରେ ଚୁଆ କରି ପାଣି ସଂଗ୍ରହ କରୁଛନ୍ତି।

### ସମସ୍ୟାର ସମାଧାନ ହେଉନି



ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏଯାଏ ଆବଶ୍ୟକ ପଦକ୍ଷେପ ନିଆଯାଇ ନାହିଁ। ସରକାର ଯଥାଶୀଘ୍ର ପାଇପ୍ ପାଣି ବ୍ୟବସ୍ଥା ନ କଲେ ସାହିବାସୀ ଆନ୍ଦୋଳନ କରିବେ।

-ପ୍ରଫୁଲ୍ଲ ନାଏକ, ପାଟକମୁଣ୍ଡା

### ସମସ୍ତଙ୍କ ନିକଟରେ ପହଞ୍ଚୁନି ପାଣି



ସରକାର ବସୁଧା ଯୋଜନାରେ ସାହିକୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପାଇପ୍ ପକାଇଛନ୍ତି। କିନ୍ତୁ ଉପଯୁକ୍ତ ପରିଚାଳନା ଅଭାବରୁ ପାଇପ୍‌ରେ ଆସୁଥିବା ପାଣି ଗାଁର ସମସ୍ତଙ୍କ ନିକଟରେ ପହଞ୍ଚି ପାରୁନାହିଁ।

-ସୁଶାନ୍ତ ନାଏକ, ପାଟକୁମୁଣ୍ଡା

### ଦ୍ରୁତ ପଦକ୍ଷେପ ନିଆଯାଉ ନାହିଁ



ହରିଜନ ସାହି ଓ ତେବୁଡରେ ପାନୀୟ ଜଳର ଅଭାବ ଦେଖାଦେଇଛି। ଏଠାରେ ୨ଟି ନଳକୂପର ଆବଶ୍ୟକତା ରହିଛି। ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଅବଗତ କରାଯାଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ଦ୍ରୁତ ପଦକ୍ଷେପ ନିଆଯାଉ ନାହିଁ। ପଞ୍ଚାୟତ ପକ୍ଷରୁ ଯାହା ସମ୍ଭବ ତାହା କରାଯାଉଛି।

-ସୁପ୍ରଭା ବିଶ୍ୱାଳ, ସରପଞ୍ଚ, ପାଟକୁମୁଣ୍ଡା

### ପ୍ରଶାସନ ନିକଟରେ ଖବର ନାହିଁ



ପାଟକୁମୁଣ୍ଡାରେ ପାଣି ସମସ୍ୟା ନେଇ ଖବର ନାହିଁ। ପୂର୍ବରୁ ଯେଉଁ ସମସ୍ୟା ଥିଲା ତାହାର ସମାଧାନ କରାଯାଇଛି। ବିଭାଗୀୟ କର୍ମଚାରୀଙ୍କୁ ପଠାଇ ଘଟଣାର ତଦନ୍ତ କରାଯାଇ କିପରି ଲୋକମାନେ ସୁବିଧାରେ ପାନୀୟ ଜଳ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ।

-ତ୍ରିବିକ୍ରମ କୁମୁରା, ବିଡିଓ, ଛେଣ୍ଡିପଦା

# ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ଘୃତାହୁତି

ଅନୁଗୋଳ ଅଫିସ, ୫।୬

ଅନୁଗୋଳ ଅଙ୍ଗାରବନ୍ଧସ୍ଥିତ ମହିମା ଧାମଠାରେ ଅଲେଖ ମହିମା ଧାମ ପରିଚାଳନା କମିଟି ପକ୍ଷରୁ ପରିଚାଳନା କମିଟି ସମ୍ପାଦକ ସ୍ୱର୍ଗତ ଭୂତେଶ ଚନ୍ଦ୍ର ଜେନାଙ୍କ ବିୟୋଗରେ ଏକ ଶୋକସଭା କମିଟି ସଭାପତି ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ଜେନାଙ୍କ ବହୁବିଧ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସ୍ୱର୍ଗତ ଜେନା ନାଲ୍‌କୋର ଜଣେ ଉଚ୍ଚ ପଦବୀରେ ସଫଳତାର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଏଥିସହ ଜଣେ ଆଗ ଧାଡିର ମହିମା ଧର୍ମର ଭକ୍ତ ଭାବେ ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ସେ କୌପିନଧାରୀ ମହିମା ସମାଜ ଯୋରନ୍ଦା ଓ ଅଙ୍ଗାରବନ୍ଧ ମହିମା ଧାମ ସହ ପ୍ରତ୍ୟକ୍ଷ ଭାବେ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିସହ ବାହାନଗା ଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଧାମ ପରିଚାଳକ ବାବା ମୁରଲୀଧର ଦାସ ଓ ମଲ୍ଲିକ ବାବାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଆହତ ଯାତ୍ରୀମାନଙ୍କ ଆଶୁ ଆରୋଗ୍ୟ କାମନା କରି ଡାକ ପ୍ରଦାନ ମଧ୍ୟ କରାଯାଇଥିଲା। ସ୍ମୃତି ଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ସଭାପତି ବିଦ୍ୟାଧର ସାହୁ, ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସଭାପତି ଗୋପାଳ ନାଥ, ପରିଚାଳନା କମିଟି ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ ଦେହୁରୀ, କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା, ଉପସଭାପତି ବାମଦେବ ସାହୁ, ପରିଷଦ କୋଷାଧ୍ୟକ୍ଷ ଅକ୍ଷୟ ସାହୁ, ଭକ୍ତ ଅଜୟ ଦେହୁରୀ, କରୁଣାକର ସାହୁ, ଭାସ୍କର ଦେହୁରୀ, ଶଙ୍କର୍ଷଣ ସାମଲ, ବନ୍ଧା ଟୁଙ୍ଗି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରମୁଖ ବନ୍ଧା, ଗାଙ୍ଗିଯୋରୀ, କଙ୍କିନାଳୀ, ବିଦ୍ୟାଧର, କୁଲାଡ, କୋଶଳା, ଖଲାରୀ ତଥା ଆଖପାଖ ବିଭିନ୍ନ ଗ୍ରାମର ଭକ୍ତମାନେଉପସ୍ଥିତ ଥିଲେ।



ଶୋକସଭାରେ ସାମିଲ ହୋଇଥିବା ବାବା ଓ ଅନ୍ୟମାନେ।





ଅନୁଗୋଳ ଥାନା ଛକଠାରେ ଜଣେ ବୃଦ୍ଧଙ୍କୁ ରାସ୍ତା ପାର କରିବାରେ ଟ୍ରାଫିକ ପୋଲିସ ସହାୟତା କରୁଛନ୍ତି। (ଫଟୋ-ବୁବୁ)

# ୩ ଥାନାରେ ନୂତନ ଅଧିକାରୀ



ନାଲ୍‌କୋ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ।

ବଣ୍ଡଁରପାଳ/ କଣିହାଁ,୫।୬(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଥାନାର ନୂତନ ଅଧିକାରୀ ଭାବେ ଯାଜ୍ଞସେନୀ ପ୍ରଧାନ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହାପୂର୍ବରୁ ସମଲ ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା କିପରି ବଜାୟ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଦାୟିତ୍ୱଗ୍ରହଣ ଅବସରରେ ନୂତନ ଥାନା ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏଠାରେ ପୂର୍ବରୁ ଥିବା ଆଇଆଇସି ଦିଲୀପ ଲାକ୍ରାଙ୍କ ଅନୁଗୋଳ ହେଡ୍ କ୍ୱାର୍ଟରକୁ ବଦଳି ହୋଇଛି। ସେହିପରି କଣିହାଁ ବ୍ଲକ ସମଲ ଥାନାରେ ସରୋଜକାନ୍ତ ସାମଲ ଏବଂ ଏନ୍‌ଟିପିସି ଥାନାରେ ମାନସ କୁମାର ମହାକୁଳ ନୂଆ ଆଇଆଇସି ଭାବେ ଯୋଗଦେଇଛନ୍ତି। ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସହ ବେଆଇନ ନିଶା କାରବାର ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉଭୟ ଆଇଆଇଆସି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ଆଇଆଇସି ଓ ଏସ୍‌ଆଇସ୍ତରରେ ଅଦଳବଦଳ ହୋଇଥିଲା।

# ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ଉପରେ ଗୁରୁତ୍ୱ



ବିଶ୍ୱ ପରିବେଶ ଦିବସ ଅବସରରେ ଏନ୍‌ଟିପିସି ଅଧିକାରୀ ଓ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

କଣିହାଁ,୫।୬(ଡି.ଏନ.ଏ.)

କଣିହାଁସ୍ଥିତ ଏନ୍‌ଟିପିସିଠାରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍. ସୁନ୍ଦରାମ, ଜିଏମ୍ (ଓଆଣ୍ଡଏମ୍) ଏ.କେ. ସେହଗଲ ଯୋଗ ଦେଇଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ଜୀବନରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ହ୍ରାସ କରିବା ଏବଂ ଭବିଷ୍ୟତ ପିଢି ପାଇଁ ପ୍ରାକୃତିକ ସମ୍ପଦର ସଂରକ୍ଷଣ କରିବା ଉପରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନ୍ଦରାମ ଗୁରୁତ୍ୱାରୋପ କରିଥିଲେ। ପରିବେଶକୁ ପରିଷ୍କାର, ସୁନ୍ଦର ଏବଂ ପ୍ରଦୂଷଣମୁକ୍ତ ରଖିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଟାଉନଶିପ୍ ଅଞ୍ଚଳରେ ୩୦୦ ପ୍ରକାରର ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଏମ୍, ସେକ୍ସନ ହେଡ୍, ଡିସି (ସିଆଇଏସ୍‌ଏଫ୍), ଉପ ସଭାପତି (ତନଭିସଙ୍ଗମ), ୟୁନିୟନ ଏବଂ ଆସୋସିଏଶନର ପ୍ରତିନିଧି, କର୍ମଚାରୀ ଏବଂ ସହଯୋଗୀ ତଥା ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତିରେ ଥିଲେ।

# ନୂଆ ଉପଜିଲାପାଳଙ୍କ ଯୋଗଦାନ

କାମାକ୍ଷାନଗର,୫।୬(ଡି.ଏନ.ଏ.)



ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ସୋମବାର ନାରାୟଣ ଚନ୍ଦ୍ର ନାୟକ ନୂତନ ଉପଜିଲାପାଳ ଭାବେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ। କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଢେଙ୍କାନାଳ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିବାରୁ ତାଙ୍କଠାରୁ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦାୟୀ ଉପଜିଲାପାଳ କହିଥିଲେ, କାମାକ୍ଷାନଗର ଉପଖଣ୍ଡରେ ବିଭିନ୍ନ ପଦବୀରେ ଦୀର୍ଘଦିନ ହେବ କାର୍ଯ୍ୟ କରି ଆସୁଥିଲେ। ଆଗାମୀ ଦିନରେ ମଧ୍ୟ ଅଞ୍ଚଳ ପାଇଁ କାର୍ଯ୍ୟ ଜାରି ରହିବ। ସେହିପରି ନୂତନ ଉପଜିଲାପାଳ କହିଛନ୍ତି, ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବି। ନୂତନ ଉପଜିଲାପାଳଙ୍କ ଯୋଗଦାନ ସମୟରେ କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ କୁମାର ମହାନ୍ତି, ସହକାରୀ ଉପଜିଲାପାଳ ଦୀପକ କୁମାର ମିଶ୍ରଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

# ୨୭ ଅଭିଯୋଗ ଶୁଣିଲେ ଜିଲାପାଳ

କାମାକ୍ଷାନଗର,୫।୬ (ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ମୋଟ୍ ୨୭ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୨୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ୮ ଅଭିଯୋଗର ସମାଧାନ କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୪୦ ହଜାର ଓ ଜଣଙ୍କୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଅତିରିକ୍ତ ଏସ୍‌ପି ଭବାନୀଶଙ୍କର ଉଦ୍‌ଗାଥା, ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, କାମାକ୍ଷାନଗର ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଜିଲାପାଳଙ୍କ ପିଜିସିଏଲ ଅଧିକାରୀ ସୌମ୍ୟା ଶତପିଷାଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ଜେଏସ୍‌ପି ପରିସରରେ ୫୦୦ ଚାରା ରୋପଣ

ଅନୁଗୋଳ ଅଫିସ, ୫।୬

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଏବଂ ବ୍ୟାପକ ଚାରା ରୋପଣ କରାଯାଇଛି। ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସର ବାର୍ତ୍ତା 'ପ୍ଲାଷ୍ଟିକ ପ୍ରଦୂଷଣକୁ ହରାନ୍ତୁ' ଏବଂ ପରିବେଶର ସୃଷ୍ଟି ଉପରେ ଚିତ୍ରାଙ୍କନ, ନିବନ୍ଧ, କୁଇଜ ସହ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭଯାତ୍ରାର ଅଂଶଗ୍ରହଣକାରୀମାନେ ପ୍ଲାଣ୍ଟ ପରିସରରେ ୫୦୦ ଚାରା ରୋପଣ କରିଥିଲେ। ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ପ୍ରକୃତିର ପାଳନ ପୋଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଝା ଉପସ୍ଥିତ କର୍ମଚାରୀ ତଥା ପରିବାରବର୍ଗ ଏବଂ ପାଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ଆସିଥିବା ଜନସାଧାରଣଙ୍କୁ ଚାରା ରୋପଣ ହେଉଛି ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜେଏସ୍‌ପି ପରିବେଶ ପରିଚାଳନା ବିଭାଗ ମୁଖ୍ୟ ଆଲୋକ ସାହୁ ସଞ୍ଚାଳନ କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଏକ ଗୋଷ୍ଠୀଗତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଣାଗାଡିଆ ଉଚ୍ଚ ବିଦ୍ୟାଳୟ ଠାରେ ଗ୍ରାମ୍ୟ ଉନ୍ନୟନ କମିଟି ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମକୁ ସଂସ୍ଥାର ସିଏସ୍‌ଆର୍ ଜିଏମ୍ ପୁଷ୍ପଲତା ଶତପଥୀ ଶୁଭାରମ୍ଭ କରିଥିଲେ। କମିଟି ସଭାପତି କୁମର ବେହେରା, ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ସାହୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ର, ମାଟି ଏବଂ ଜଙ୍ଗଲର ଅପୂରଣୀୟ କ୍ଷତି ଘଟାଉଥିବାରୁ ପୃଥିବୀକୁ ପ୍ଲାଷ୍ଟିକର ଭୟାବହତା ଠାରୁ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ।





ଜେଏସ୍‌ପି ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### କପିଳାସଠାରେ ଅସୁସ୍ଥ ହାତୀର ଚିକିତ୍ସା

**ଢେଙ୍କାନାଳ ଅଫିସ,୫।୬:** ଅନୁଗୋଳରୁ କପିଳାସ ଅଣାଯାଇଥିବା ଏକ ଅସୁସ୍ଥ ମାଈ ହାତୀର ଚିକିତ୍ସା ପ୍ରାଣୀ ଉଦ୍ୟାନ ପରିସରସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରରେ ଜାରି ରହିଛି। ହାତୀର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଆବଶ୍ୟକ ଚିକିତ୍ସା ପରେ ଅସୁସ୍ଥତା ସମ୍ପର୍କରେ କୁହାଯାଇପାରିବ ବୋଲି ସୋମବାର ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅନୁଗୋଳ ବନଖଣ୍ଡ ବୃତ୍ତି ଗ୍ରାମ ନିକଟକୁ ଗତ ମେ ୯ରେ ପଣସ ଖାଇବାକୁ ଆସିଥିବା ଏହି ହାତୀର ଆଗ ବାମ ଗୋଡ଼ ଦୁଇ ଗଛ ମଝିରେ ପଶିଯିବାରୁ ଏହା ଦୀର୍ଘ ସମୟ ଧରି ବାହାରି ନ ପାରି ଛଟପଟ ହୋଇଥିଲା। ଖବରପାଇ ବନ ବିଭାଗ ଜେସିବି ମେଶିନ ସହାୟତାରେ ଗୋଟିଏ ଗଛକୁ ସାମାନ୍ୟ ଠେଲିଦେବା ପରେ ହାତୀଟି ସେଠାରୁ ଉଦ୍ଧାର ପାଇଥିଲା। ହେଲେ ଆଗ ଗୋଡ଼ରେ ଆଘାତ ଲାଗିଥିବାରୁ ସେଠାରେ ତାହାର ଚିକିତ୍ସା କରାଯାଇଥିଲା। କିନ୍ତୁ ହାତୀଟି ସୁସ୍ଥ ନ ହେବାରୁ ଅଧିକ ଚିକିତ୍ସା ପାଇଁ ତାକୁ କପିଳାସ ପଠାଯାଇଥିଲା।

# ଉରିଗଲାଣି ଢେଙ୍କାନାଳ ରକ୍ତ ଭଣ୍ଡାର

- ଅଧିକ ସଂରକ୍ଷଣ ପାଇଁ ବ୍ୟବସ୍ଥା ନାହିଁ
- ରକ୍ତଦାନ ଶିବିର ସ୍ଥଗିତ ରଖିଲା ପ୍ରଶାସନ

**ଢେଙ୍କାନାଳ ଅଫିସ,୫।୬**



ବାଲେଶ୍ୱର ଜିଲା ବାହାନାଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କ ଚିକିତ୍ସାବେଳେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ଢେଙ୍କାନାଳରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନ ଅନୁଷ୍ଠିତ ହେଉଛି। ପ୍ରଥମ ୨ଦିନ ମଧ୍ୟରେ ପ୍ରାୟ ୮୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରଥମ ଦିନ ଜିଲା ସାମ୍ବାଦିକ ସଂଘ ସଦସ୍ୟ ଓ ଅନ୍ୟ କେତେଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସୌଜନ୍ୟରୁ ୩୦ ୟୁନିଟ୍, ରବିବାର ବଜରଙ୍ଗ କ୍ଲବ ଆହ୍ୱାନରେ ୭୫୫ ୟୁନିଟ୍ ଓ ସୋମବାର ସାଇ ଶ୍ରୀକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସେହିପରି ବ୍ଲଡ ବ୍ୟାଙ୍କରେ ପୂର୍ବରୁ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ତେବେ ରକ୍ତଭଣ୍ଡାରରେ ୮୦୦ ୟୁନିଟ୍‌ରୁ ଅଧିକ ରକ୍ତ ରଖାଯିବାର ବ୍ୟବସ୍ଥା ନ ଥିବାବେଳେ ଆଗକୁ ଆଉ ପ୍ରାୟ ୬/୭ଟି ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା ରକ୍ତଦାନ ଶିବିରକୁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି। ଆବଶ୍ୟକ ହେଲେ ଏହି ଶିବିର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଟ୍ରେନ ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ଚିକିତ୍ସା ପାଇଁ ରକ୍ତଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏହାପରେ ବହୁ ସଂଖ୍ୟାରେ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିପାଇଁ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟରେ କଟକ ଏସ୍‌ସିବି ମେଡିକାଲରେ ୧୭୦୦ରୁ ଅଧିକ ୟୁନିଟ୍ ରକ୍ତ ବର୍ତ୍ତମାନ ମହଜୁଦ ରହିଥିବା ବେଳେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ୧୦୦୦ରୁ ଅଧିକ ୟୁନିଟ୍ ରକ୍ତ ମହଜୁଦ ରହିଛି। ସେହିପରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଅଧିକ ପରିମାଣରେ ରକ୍ତ ଗଚ୍ଛିତ ଅଛି। ତେଣୁ ଢେଙ୍କାନାଳରୁ ସଂଗୃହୀତ ରକ୍ତ ଉକ୍ତ ଚିକିତ୍ସାଳୟଗୁଡ଼ିକୁ ପଠାଯାଇ ପାରୁନାହିଁ। ଏହାକୁ ନଜରରେ ରଖି ବର୍ତ୍ତମାନ ପରିସ୍ଥିତିରେ ରକ୍ତଦାନ ସଂଗ୍ରହ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହିଛନ୍ତି, ଢେଙ୍କାନାଳ ଜିଲା ରକ୍ତଭଣ୍ଡାରରେ ୮୦୦ ୟୁନିଟ୍‌ରୁ ଅଧିକ ରକ୍ତ ରହିବାର ବ୍ୟବସ୍ଥା ନାହିଁ। ସଂଗୃହୀତ ରକ୍ତରୁ ଗୋଟିଏ ସ୍ଲଟ୍‌ରେ ସମସ୍ତ ପ୍ରକାର ପରୀକ୍ଷା ପାଇଁ ୮୨ଟି ରକ୍ତ ପ୍ୟାକେଟ୍ ପରୀକ୍ଷା ହୋଇପାରିବ। ଏହାକୁ ଏଲିସା ଟେଷ୍ଟ କୁହାଯାଏ। ହଠାତ୍ ଏତେ ପରିମାଣରେ ମଧ୍ୟ ଅନ୍ୟସ୍ଥାନକୁ ସହଜରେ ଦେଇହେଉନାହିଁ। ଗୋଟିଏ ରକ୍ତ ପ୍ୟାକେଟ୍ ସଂଗ୍ରହ ହେବାର ଏକମାସ ପର୍ଯ୍ୟନ୍ତ ରହିପାରିବ। ତେଣୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଚିକିତ୍ସାଳୟ ଗୁଡ଼ିକରୁ ପ୍ରସ୍ତାବ ଆସିଲେ ଢେଙ୍କାନାଳରୁ ରକ୍ତ ପଠାଯିବ। ବର୍ତ୍ତମାନ ବିଭିନ୍ନ ସଙ୍ଗଠନ ପକ୍ଷରୁ ହେବାକୁ ଥିବା ରକ୍ତଦାନ ଶିବିରକୁ ସ୍ଥଗିତ ରଖାଯାଇଛି।

# ୮୫ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ,୫।୬**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶ୍ରୀସାଇନାଥ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଢେଙ୍କାନାଳ ଶ୍ୟାମାଚରଣପୁର ସାଇ ଶ୍ରୀକ୍ଷେତ୍ରଠାରେ ସୋମବାର ଚାରା ରୋପଣ ଓ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଟ୍ରଷ୍ଟି ଆଡଭୋକେଟ୍ ସୁରେନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ୧ନଂ. ୱାର୍ଡ କାଉନ୍‌ସିଲର ବଳରାମ ସେଠୀ ଉପସ୍ଥିତ ଥିଲେ। ଏହି ଶିବିରରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହିତ ସାଇ ଶ୍ରୀକ୍ଷେତ୍ର ପରିସରରେ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଇ ମନ୍ଦିର ସଭାପତି ପ୍ରତାପ କୁମାର ମଲ୍ଲିକ, ଉପସଭାପତି ଶରତ କୁମାର ପଟ୍ଟନାୟକ, ଟ୍ରଷ୍ଟି ପ୍ରଦୋଷ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର, ବରିଷ୍ଠ ସଭ୍ୟ ଯୋଗୀନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ, ବିରଞ୍ଚି କୁମାର ନାଥ, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଶ୍ୟାମସୁନ୍ଦର ତ୍ରିପାଠୀ, ଲିଆକତ୍ ଅଲ୍ଲୀ ଖାନ୍, ପ୍ରସାଦ କୁମାର ପଟ୍ଟନାୟକ, ଜୟ ପ୍ରକାଶ ସାହୁ, ନିରୋଦ କୁମାର ମହାପାତ୍ର, ରଞ୍ଜନ ପଟ୍ଟନାୟକ, ଜିତେନ ଧଳ, ଗୁରୁ ସ୍ୱାଇଁ, ରତ୍ନାକର ବେହେରା, ପିନ୍ଟୁ ଗିରି, ଦିଲୀପ ମିଶ୍ର, ବାପୁଜୀ ପଧାନ, ସୁଧୀର ମିଶ୍ର, ସାଗରିକା ମିଶ୍ର, ନିବେଦିତା ପଟ୍ଟନାୟକ, ସୁଜାତା ବରାଳ, ସନ୍ଦୀପ ସାହୁ, ସରୋଜ କୁମାର ପ୍ରଧାନ, ତ୍ରିନାଥ ରାଉତରାଏ, ଡା. ଦେବୀ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେୟାର ଅନୁଷ୍ଠାନ ପକ୍ଷରୁ ସହଯୋଗ ପ୍ରଦାନ କରାଯାଇଥିଲା।




ସାଇ ଶ୍ରୀକ୍ଷେତ୍ର ପକ୍ଷରୁ ଆୟୋଜିତ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ବିଦ୍ୟାଳୟ ପରିସରରେ ଚାରା ରୋପଣ




ଚାରା ରୋପଣ ସହ ବିଶ୍ୱ ପରିବେଶ ଦିବସ ସମ୍ପର୍କରେ ସଚେତନ କରାଯାଉଛି।

**ଢେଙ୍କାନାଳ ଅଫିସ,୫।୬**

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଲେଥକା ପଞ୍ଚାୟତର ରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ଢେଙ୍କାନାଳ ଓ ପ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନ ମିଳିତ ସହଯୋଗରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଯୁବତୀଯୁବକମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ପରିସରରେ ଫଳ ଓ ଫୁଲ ଚାରା ରୋପଣ କରାଯାଇଥିଲ। ଅତିଥି ଭାବେ ଲେଥକା ସରପଞ୍ଚ ଓମ୍ ପ୍ରକାଶ ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ଚାରା ରୋପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ନିବେଦିତା ନାୟକ, ପ୍ରଧାନ ଶିକ୍ଷକ କାମାକ୍ଷା ପ୍ରସାଦ ସ୍ୱାଇଁ, ପ୍ରିୟ ନିର୍ଦ୍ଦେଶକ ଟଙ୍କଧର ବାରିକ, ଇଲନ୍ ପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ ପିଲାମାନଙ୍କୁ ସଚେତନ କରିଥିଲେ। ଦିବ୍ୟରଞ୍ଜନ ବେହେରା ଓ ପର୍ଶୁରାମ ଦାସ ସହଯୋଗ କରିଥିଲେ।

# ସାଇ ମନ୍ଦିର ପରିସରରେ ହାତୀ

**ଢେଙ୍କାନାଳ ଅଫିସ,୫।୬**

ଢେଙ୍କାନାଳ ଜିଲା ଶ୍ୟାମାଚରଣପୁର ସ୍ଥିତ ସାଇ ମନ୍ଦିର ପରିସରରେ ସୋମବାର ରାତି ୭ ଟାରେ ଏକ ଦନ୍ତାହାତୀ ପ୍ରବେଶ କରିଥିଲା। ହାତୀକୁ ଦେଖି ଶ୍ରଦ୍ଧାଳୁ, ପୂଜକମାନେ ଭୟଭୀତ ହୋଇ ପଡ଼ିଥିଲେ। ମନ୍ଦିର ନିକଟସ୍ଥ ବେରାପଦା ରାଜବାଟୀ ଏବଂ ସଦର ଥାନା ଗହମ ଖୁଣ୍ଟି ଅଞ୍ଚଳରେ ୩୩ ହାତୀ ପ୍ରବେଶ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଖବରପାଇ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି।



# ହାତୀ ଆକ୍ରମଣରେ ଛାତ୍ର ମୃତ

**ଢେଙ୍କାନାଳ ଅଫିସ,୫।୬**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡଙ୍ଗୀ ରେଞ୍ଜ୍ ଆରୁହାଁ ଗ୍ରାମରେ ସୋମବାର ସକାଳେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ପପୁ ଓରଫ ଶୁଭ୍ରଜିତ ମଲ୍ଲିକ(୧୪) ନାମକ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଢେଙ୍କାନାଳ ଜିଲାରେ ଗତ ମାସକ ମଧ୍ୟରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରତିକାର ପାଇଁ ବନବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ନିହଲପ୍ରସାଦ ଥାନା ତଳକାଶିପୁର ଗ୍ରାମର ସୁବାସ ମଲ୍ଲିକଙ୍କ ଏକମାତ୍ର ପୁଅ ଶୁଭ୍ରଜିତ ଗଁଦିଆ ଥାନା ବିଧାରପୁର ପଞ୍ଚାୟତ ଆରୁହାଁସ୍ଥିତ ମାମୁ ଘରକୁ ଆସିଥିଲେ। ସକାଳେ ଜଣେ ସାଥୀଙ୍କ ସହ ସେ ଘର ନିକଟରେ ଥିବା କାଜୁ ବଗିଚାକୁ ବୁଲିବାକୁ ଯାଇଥିଲେ। ସେଠାରେ ବୁଲୁଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖସି ଆସିଥିବା ସାଥୀ ଏ ନେଇ ଗାଁରେ ଜଣାଇବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଠଛଡ଼ା ଦନ୍ତାହାତୀ ଦୀର୍ଘଦିନ ଧରି ଜନବସତି ଅଞ୍ଚଳ ନିକଟରେ ରହି ଉପଦ୍ରବ କରୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଖବରପାଇ ଗଁଦିଆ ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ଓ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସଂକ୍ରନ୍ତରେ ଗଁଦିଆ ଥାନାରେ ନଂ. ୧୬।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମାସକ ମଧ୍ୟରେ ଦନ୍ତାହାତୀ ଆକ୍ରମଣରେ ମୃତ ୧୦ ଜଣଙ୍କ ମଧ୍ୟରୁ ପ୍ରାୟ ୫ଜଣ ଗଁଦିଆ ଥାନା ଷଡଙ୍ଗୀ ଓ କପିଳାସ ରେଞ୍ଜ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ଗୋଠଛଡା ଦନ୍ତାହାତୀ ଉପଦ୍ରବକୁ ରୋକା ନ ଗଲେ ଅଞ୍ଚଳବାସୀ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



କାଜୁ ବଗିଚାରେ ପଡ଼ିଥିବା ସ୍କୁଲ ଛାତ୍ରଙ୍କ ମୃତଦେହ।

**ମାସକରେ ୧୦ ଜଣଙ୍କ ଜୀବନ ନେଲାଣି ଦନ୍ତା**

# 'ବୀମା ଯୋଜନାର ସଦା ଗୁରୁତ୍ୱ ରହିଛି'

**ଢେଙ୍କାନାଳ ଅଫିସ,୫।୬**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ତପୁର ଗ୍ରାମସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁ ଇଣ୍ଡିଆ ସଭାଗୃହରେ ସୋମବାର ଭାରତୀ ଆକ୍ସା ଲାଇଫ ଇନସୁରାନ୍ସ କମ୍ପାନୀ ଲିମିଟେଡ୍, ନ୍ୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥା ଓ ମିଶନ ରିକନଷ୍ଟ୍ରକଶନ ସ୍ୱେଚ୍ଛାସେବୀ ସଂସ୍ଥା ମିଳିତ ଆନୁକୂଲ୍ୟରେ ବୀମା ଯୋଜନା ସଚେତନତା ସମ୍ପର୍କିତ ଏକ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ କେନ୍ଦ୍ର ସରକାର ଓ ଭାରତୀ ଆକ୍ସା ଜୀବନ ବୀମା ଯୋଜନା ଏବଂ ବୀମାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ରିସୋର୍ସ ପର୍ସନ ବିରଞ୍ଚି ନାରାୟଣ ସେଠ, ଏବିଏମ୍ ଫାକ୍ସ ସାହୁ ବୀମାର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଶେଷକରି ବୀମା ମାଧ୍ୟମରେ ସଞ୍ଚୟ ଓ ଜୀବନବୀମା ଅନ୍ତର୍ଭୁକ୍ତ ହେବା, ସ୍ୱାସ୍ଥ୍ୟ ବୀମା ଓ ଟର୍ମ ବୀମା, ପିଲାମାନଙ୍କ ଶିକ୍ଷାଖର୍ଚ୍ଚ ବୀମା ବିଷୟରେ ଗ୍ରାମର ମହିଳା ଓ ମିଶନ ଶକ୍ତିର ସଦସ୍ୟମାନଙ୍କୁ ବୁଝାଯାଇଥିଲା। ଅନିଶ୍ଚିତ ଭବିଷ୍ୟତ ଓ ସ୍ୱାସ୍ଥ୍ୟ ଅବସ୍ଥା ପାଇଁ ବୀମା ଯୋଜନାର ସଦା ଗୁରୁତ୍ୱ ରହିଛି ବୋଲି ଆଲୋଚକମାନେ ଆଲୋଚନା କରିଥିଲେ। ମିଶନ ଶକ୍ତିର ସଦସ୍ୟମାନେ ବୀମା ବିଷୟରେ ଅବଗତ ହେବା ସହ ଏହାକୁ ନେଇ ଶିକ୍ଷିତ ମହିଳାମାନେ କ୍ୟାରିୟର କରିବା ଏକ ସୁଯୋଗ ବୋଲି ମତପ୍ରକାଶ ପାଇଥିଲା। ଏହାଦ୍ୱାରା ଅର୍ଥ ଉପାର୍ଜନ ହେବା ସହ ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ଭାରତୀ ଆକ୍ସା ଏବିଏମ୍ କହିଥିଲେ। ନ୍ୟୁ ଇଣ୍ଡିଆର ନିର୍ଦ୍ଦେଶକ ଶେଷଦେବ ରାଉତ ସଞ୍ଚୟ ବିଷୟରେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।




ବୀମା ଯୋଜନା ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ପ୍ଲାଷ୍ଟିକମୁକ୍ତ ଗ୍ରାମ ଲକ୍ଷ୍ୟରେ ଜୈବକୁଣ୍ଡ

**ଢେଙ୍କାନାଳ ଅଫିସ,୫।୬**

**ବିଶ୍ୱ ପରିବେଶ ଦିବସରେ ସଚେତନତା**

ପରିବେଶକୁ ବଞ୍ଚାଇବା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ପ୍ରତିବର୍ଷ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା ସହ ପ୍ଲାଷ୍ଟିକମୁକ୍ତ ଗ୍ରାମ ତିଆରି ଲକ୍ଷ୍ୟରେ ଜାତିସଂଘ ପୁରସ୍କାରପ୍ରାପ୍ତ ଢେଙ୍କାନାଳର ଯୁବ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାଇତଳା ଗ୍ରାମରେ ଏକ ଜୈବକୁଣ୍ଡ ପ୍ରସ୍ତୁତି ହୋଇଛି। ରାଇତଳା ଗ୍ରାମରେ ପ୍ଲାଷ୍ଟିକ ଆବର୍ଜନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ କିପରି ରୋକାଯାଇପାରିବ ସେନେଇ ସୋମବାର ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ଓ ଶୁଭ୍ରାଂଶୁଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଦିନ ଘରମାନଙ୍କରୁ ପ୍ଲାଷ୍ଟିକ ସଂଗ୍ରହ କରାଯାଉଥିଲା। ଏସବୁକୁ ନେଇ ଇକୋ ବ୍ରିକ୍ସ ତଥା ଜୈବଇଟା ପ୍ରସ୍ତୁତି ପ୍ରଣାଳୀ ଏବଂ ଏହାଦ୍ୱାରା କିଭଳି ପ୍ଲାଷ୍ଟିକ ଆବର୍ଜନାର ମାତ୍ରା ରୋକାଯାଇପାରିବ ସେ ସମ୍ପର୍କରେ ଶୁଭ୍ରାଂଶୁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପରେ ଗ୍ରାମବାସୀଙ୍କ ସହ ଗ୍ରାମ ନିକଟରେ ଏକ ଜୈବକୁଣ୍ଡ ପ୍ରସ୍ତୁତ ହୋଇଥିଲା। ଏଭଳି କୁଣ୍ଡ ତିଆରି କରିବାରେ ରାଇତଳା ଗ୍ରାମ ଜିଲାରେ ପ୍ରଥମ ବୋଲି ଜଣାପଡ଼ିଛି। ପ୍ଲାଷ୍ଟିକ ଆବର୍ଜନାମୁକ୍ତ ଗ୍ରାମ ପାଇଁ ଏଭଳି ପ୍ରୟାସ କରି ରାଇତଳା ଗ୍ରାମବାସୀ ଏକ ଉଦାହରଣ ପାଲଟିଛନ୍ତି ବୋଲି ସାଧାରଣରେ ଆଲୋଚନା ହୋଇଛି।



ପରିବେଶର ସୁରକ୍ଷା ପାଇଁ ଜୈବକୁଣ୍ଡ ପ୍ରସ୍ତୁତ କରାଯାଇଛି।

# ନିଜ ଘରୁ ଆରମ୍ଭ ହେଉ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟ

**ଢେଙ୍କାନାଳ ଅଫିସ,୫।୬**

ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ଉଫୁନା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନ କାର୍ଯ୍ୟାଳୟଠାରେ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ପରିବେଶବିତ୍ ଉପେନ୍ଦ୍ର ରାଉତ କହିଲେ ଯେ, 'ଆଖି, କାନ, ନାକ କହଇ ଯାହା, ପରିବେଶ କହିଲେ ବୁଝାଇ ତାହା'। ବର୍ତ୍ତମାନ ଯୁଗରେ ଆଲୋକ ପ୍ରଦୂଷଣ ଆରମ୍ଭ ହେଲାଣି। ଫଳରେ ଆଗାମୀ ୩୦ ବର୍ଷ ମଧ୍ୟରେ ଆକାଶରେ ଆଉ ତାରା ଦେଖିପାରିବାନି। ଅନୁଷ୍ଠାନର ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ସର୍ବଭାରତୀୟ ସଙ୍ଗଠନ ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଥିଲା। ଏହାପରେ ବାହାନଗାଠାରେ ଘଟିଥିବ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଡା. ପ୍ରମୋଦ କୁମାର ନାୟକ, ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ପ୍ରମୁଖ ଏହି ଦିବସ ଅବସରରେ ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଉମ୍ବରୁଧର ପଣ୍ଡା, ଅବିନାଶ ପଟ୍ଟନାୟକ ପ୍ରମୁଖ ପ୍ରଥମେ ନିଜ ଘରୁ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟ ଆରମ୍ଭ କରି ଗ୍ରାମ ଏବଂ ସହରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ।




ଉଫୁନା ପକ୍ଷରୁ ପରିବେଶ ଦିବସ ପାଳନ କରାଯାଉଛି।

# ୩୧ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରାସୋଳ,୫।୬(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଉକ୍ତ ବୈଠକରେ ହିନ୍ଦୋଳ ତସିଲଦାର ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାସୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଦୟାନିଧି ପୃଷ୍ଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଶ୍ରୀନିବାସ ମିଶ୍ର, ସାମାଜିକ କର୍ମୀ ତଥା ଜିଲା ପରିବେଶ କେନ୍ଦ୍ର ସଭାପତି ରତିକାନ୍ତ ଗଡନାୟକ, ନବପଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ମାଝି, ଶିକ୍ଷାବିତ୍ ବିନୟ କୁମାର ସାମଲ, ବୁହାଳିପାଳ ସରପଞ୍ଚ ଉଷାରାଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରଦ୍ଧା ଶକ୍ତି ସେବା ସଙ୍ଗଠନର ପ୍ରତିଷ୍ଠାତା ବିଭୁ ପ୍ରସାଦ ଶତପଥୀ, ସଭାପତି ନିରୁପମା ମିଶ୍ର ଏବଂ ଅନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଚାରା ରୋପଣ କରାଯାଇଥିଲା। ଏଥିସହ ୧୦ମ ପରୀକ୍ଷାରେ ଏ-୧ ଏବଂ ଏ-୨ରେ ଉନ୍ନୀତ ହୋଇଥିବା ୧୮ଟି ଉଚ୍ଚ ବିଦ୍ୟାଳୟର ୩୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣେଶ୍ୱର କ୍ଲବ ଦ୍ୱାରା ଗ୍ରାମସ୍ତରରେ ଚାଲୁଥିବା ଶିକ୍ଷାକେନ୍ଦ୍ରର ପିଲାମାନଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଗୋଷ୍ଠୀଗତ ନୃତ୍ୟ, ବକ୍ତୃତା ଏବଂ ଫ୍ୟାନସି ଡ୍ରେସ ପ୍ରତିଯୋଗିତା କରାଯିବା ସହ ସମସ୍ତ ପିଲାଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ରାଜେନ୍ଦ୍ର କୁମାର ପାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନଙ୍କ ସହ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ।

